# Akashvani, Sambalpur

## SAMBALPURI NEWS MORNING BULLETIN

## 18 April 2026 - 6.47- 6.52 am.

---

ମହିଳା ସଂରକ୍ଷଣ୍ ବିଲ        ଆର୍ଏନ୍ୟୁ/ ସମ୍ବଲପୁର

ସଂସଦ୍ ନ ଗଲାକାଏଲ୍ ମହିଳା ସଂରକ୍ଷଣ୍ ସଂଶୋଧନ୍ ବିଲ୍ ପାସ୍ ନାଇଁ ହେଇପାରି । ସମ୍ବିଧାନ୍‌ର ଶହେ ୩୧ ନମ୍ବର୍ ସଂଶୋଧନ୍ ବିଧେୟକ୍, ସୀମା ପୁନଃନିର୍ଦ୍ଧାରଣ୍ ବିଧେୟକ୍ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ଆଇନ୍ ସଂଶୋଧନ୍ ବିଧେୟକ୍ ଭିଲ୍ ପାସ୍ ନାଇଁ ହେଇପାରି । ଭୋଟ୍‌ଥି ୨ ଶହ ୯୮ ଝନ୍ ବିଲ୍ ସପକ୍ଷଥି ଭୋଟ୍ ଦେଇଥିବାର୍ ବେଳେ ବିରୋଧିଥି ୨ ଶହ ୩୦ ଝନ୍ ଭୋଟ୍ ଦେଇଥିଲେ । ଇଥିର୍‌ଲାଗି ଗଲା ୧୬ ତାରିଖ୍‌ନୁ ସଂସଦ୍‌ର ସ୍ୱତନ୍ତ୍ର ଅଧିବେଶନ୍ ମୁଲ୍ ହେଇଥିଲା ।

ମୁଖ୍ୟମନ୍ତ୍ରୀ-ଅନୁଗୁଲ୍      ଆଇ ଆଣ୍ଡ୍ ପି.ଆର୍

ଅନୁଗୁଲ୍ ଜିଲ୍ଲା ଓଡ଼ିଶାର୍ ମଧଭାଗ୍ଥି ରହିକରି ସଂସ୍କୃତି, ପ୍ରାକୃତିକ ସମ୍ପଦ୍, ଶିଳ୍ପ ଉନ୍ନତିର୍ ଗୁଟେ ବର୍‌କସ୍ ମିଶ୍ରଣ୍ ଭାବେ ଉଭା ହେଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ଅନୁଗୁଲ୍ ମହୋତ୍ସବ୍ ୨୦୨୬ ର ଉଦ୍‌ଘାଟନ୍ ସମାରୋହଥି ଯୋଗ୍‌ଦେଇକରି ମୁଖ୍ୟମନ୍ତ୍ରୀ ଅନୁଗୁଲ୍ ଜିଲ୍ଲା ପର୍ଯ୍ୟଟନ୍ ଶିଳ୍ପର୍ ବିକାଶ୍ଥି ଗୁରୁତ୍ୱ ରଖୁଥିବାର୍ ବେଲେ ଭିନ୍ ଭିନ୍ ରାଷ୍ଟ୍ରାୟତ ସଂସ୍ଥା ମାନେ ଇ ଜିଲ୍ଲାକେ ଦେଶର୍ ଗୁଟେ ଅଗ୍ରଣୀ ଶିଳ୍ପକେନ୍ଦ୍ର କରିପାରିଛନ୍ ବଲି କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ୫ ଶହ ୫୯ କୋଟି ଟଙ୍କାର୍ ପ୍ରକଳ୍ପର୍ ଶୁଭାରମ୍ଭ କରିଥିଲେ ।

ମୁଖ୍ୟମନ୍ତ୍ରୀ-କିଷାନ୍ ସାହାଜ୍          ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଏଜେ ରାଜ୍ୟସ୍ତରୀୟ କୃଷକ୍ ଦିବସ୍ ଅବ୍‌ସରେ ଆଏବା ୨୦ ତାରିଖ୍ ପବିତ୍ର ଅକ୍ଷୟତୃତୀୟା ଦିନ କଟକ୍‌ର କେନ୍ଦ୍ରୀୟ ଧାନ୍ ଗବେଷଣା କେନ୍ଦ୍ର ପରିସର୍ ନ ଯୋଗ୍ୟ ଚାଷୀମାନ୍‌କୁ କିଷାନ୍ ସାହାଜ୍ ଟଙ୍କା ଦେବେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ, ବିଧାୟକ୍ ପ୍ରମୁଖ ଉପସ୍ଥିତ୍ ରହେବେ । ରାଜ୍ୟର୍

୪୧ ଲାଖ୍ ୬୮ ହଜାର୍ ୫ ଶହ ୮୨ ଝନ୍ ଚାଷୀଙ୍କୁ ଖରିଫ୍ ସାହାଜ୍ ଦିଆୟିବା । ଅଲ୍‌ଗା ମନ୍ତ୍ରୀମାନେ ଭିନ୍ ଭିନ୍ ଜିଲ୍ଲା ନ ହେବାର୍‌କେ ଥିବା ଉତ୍ସବ୍‌ଥି ଯୋଗ୍ ଦେବେ ।

ଉପମୁଖ୍ୟମନ୍ତ୍ରୀ- ସମୀକ୍ଷା        ଆଇ ଆଣ୍ଡ୍ ପି.ଆର୍

ରାଏଜେ ଖରାମାସେ ବିଜ୍‌ଲି ସେବା ଯେନ୍ତା ସ୍ୱାଭାବିକ୍ ରହେବା ସେତାକେ ସୁନିର୍ଶ୍ଚିତ୍ କର୍‌ବାର୍‌କେ ଶକ୍ତି ବିଭାଗ୍‌କେ ନିର୍ଦ୍ଦେଶ୍ ଦିଆୟାଇଛେ ବଲି ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଭୁବ୍‌ନେଶ୍ୱର୍ ନ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଖରାମାସେ ବିଜ୍‌ଲି ଯୋଗାଣ ନେଇକରି ଶକ୍ତି ବିଭାଗ୍‌ର ପ୍ରସ୍ତୁତି ବାବ୍‌ଦେ ସମୀକ୍ଷା କରିକରି ଖରାମାସେ ବିଜ୍‌ଲିର୍ ଜହ ଚାହିଦାକେ ନଜର୍‌ଥି ରଖିକରି ଶକ୍ତିବିଭାଗ୍ ତର୍‌ଫୁ ଉଦ୍ୟମ୍ କରାୟାଉଛେ ବଲି କହିଛନ୍ । ଇ ସମିଆଥି ରାଜ୍ୟର୍ ହାଇଡ୍ରୋ ପାୱାର୍ ଜେନେରେସନ୍ ସବୁନୁ ଜହ କର୍‌ବାର୍‌କେ ଓଏଚ୍‌ପିସି ସାଙ୍ଗେ ଆଲୋଚନା କରାୟାଇଛେ ବଲି ସମୀକ୍ଷା ବୈଠକ୍‌ନୁ ଜନାପଡ଼ିଛେ । ଇତାର୍‌ଛଡ଼ା ତାପଜ ବିଜୁ୍ୟତ୍ କେନ୍ଦ୍ରମାନ୍‌କର୍ ସଙ୍ଗେ

ସମନ୍ୱୟ ରଖାଯାଇଛେ । କେନ୍‌ସି ଜାଗାନୁ ବିଜ୍‌ଲି ବ୍ୟାଘାତ୍ ନେଇକରି ଅଭିଯୋଗ୍ ଆସ୍‌ଲେ ତାର୍ ସମାଧାନ୍ ଲାଗି ତୁର୍‌ତି ପଦକ୍ଷେପ୍ ନେବାର୍‌କେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ନିର୍ଦ୍ଦେଶ୍ ଦେଇଛନ୍ ।

ରାଜସ୍ୱ ମନ୍ତ୍ରୀ- ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ବ୍ରଜରାଜ୍‌ନଗର୍ ପୌରାଂଚଲ୍ ନ ଚାଲୁରହିଥିବା ଭିନ୍ ଭିନ୍ କାମ୍‌ର ଅଗ୍ରଗତି ବାବ୍‌ଦେ ସମୀକ୍ଷା କରିଛନ୍ । ସେ ଅଂଚଲ୍ ନ ତିଆର୍ ହଉଥିବା ୨ ଶହ ୪୦ ଟା ପ୍ରକଳ୍ପକେ ଆଏବା ୬ ମାସ୍ ଭିତ୍‌ରେ ଜଲ୍‌ଦି ସାର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଯେନ୍ ଠିକାଦାର୍ କି ସଂସ୍ଥାମାନେ ଠିକ୍ କରି କାମ୍ ନାଇଁ କର୍‌ବାର୍ ସେମାନ୍‌କର୍ ବିରୋଧ୍ ନ କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଚଲ୍‌ତି ଗ୍ରୀଷ୍ମପ୍ରବାହକେ ନଜର୍‌ଥି ରଖିକରି ବ୍ରଜରାଜନଗର୍ ଆଉ ବେଲ୍‌ପାହାଡ୍ ପୌରାଂଚଲ୍ ନ ୨୪ ଘଂଟା ଜଲ୍‌ଯୋଗାଣ ସୁନିଶ୍ଚିତ୍ କର୍‌ବାର୍ ଲାଗି ୱାଟ୍‌କୋର ପରିଚାଳନା

ନିର୍ଦ୍ଦେଶକଙ୍କର୍ ସାଙ୍ଗେ ଆଲୋଚନା କର୍ବାର୍ ସହେତେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଇବ୍ ନଦୀ ନ ମାଳବନ୍ଧ ସଙ୍ଗେ ପ୍ରସ୍ତାବିତ ରିଂରୋଡ୍ କାମ୍ ତୁର୍ତି କର୍ବାର୍ ଲାଗି ଶ୍ରୀ ପୂଜାରୀ ନିର୍ଦ୍ଦେଶ୍ ଦେଇଛନ୍ ।

ପ୍ରାଣୀସମ୍ପଦ୍ ମନ୍ତ୍ରୀ ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀମାନ୍କର୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ୍ ଗଲାକାଏଲ୍ ଭୁବ୍ନେଶ୍ୱର୍ ନ ହେଇଯାଇଛେ । ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ବୈଠକ୍ଥି ଅଧ୍ୟକ୍ଷତା କରିକରି ସେବା ମନୋଭାବ୍ ରଖିକରି ସମର୍ପିତ ଭାବେ କାମ୍ କର୍ବାର୍କେ ପ୍ରାଣୀ ଚିକିତ୍ସା ଅଧିକାରୀମାନ୍କୁ ଆହ୍ୱାନ୍ ଦେଇଛନ୍ । ଇ ଅବ୍ସରେ ସର୍କାର୍ଙ୍କର୍ ଭିନ୍ ଭିନ୍ କଲ୍ୟାଣ୍କାରୀ ଯୋଜ୍ନାର ଅଗ୍ରଗତି ବାବ୍ଦେ ସମୀକ୍ଷା କରାଯାଇଥିଲା । ଯୋଜ୍ନା ମାନ୍କର୍ ସୁଫଲ୍ ଯେନ୍ତା ଲୋକ୍ମାନ୍କର୍ ପାଖିକେ ପହଁଚିପାର୍ବା ସେଥିର୍ଲାଗି କାମ୍ କର୍ବାର୍କେ ମନ୍ତ୍ରୀ ଶ୍ରୀ ମଲ୍ଲିକ୍ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍ଛଡ଼ା

ରାଏଜେ ନୂଆଁ ଗୋଶାଲା ସ୍ଥାପନା କର୍‌ବାର୍ ସହେତେ ପଞ୍ଜିକୃତ ଗୋଶାଲା ମାନ୍‌କେ ଆର୍ଥିକ୍ ଅନୁଦାନ୍ ଦେବାର୍ ଲାଗି ସର୍‌କାର୍ ସଂକଳ୍ପବଦ୍ଧ ଆନ୍ ବଲି କହିକରି ବୁଲା ଗାଇଗୋରୁଙ୍କର୍ ଲାଗି ଆଶ୍ରୟ ଜାଗା ତିଆର୍ କର୍‌ବାର୍‌କେ ପ୍ରାଣୀ ଚିକିତ୍ସକ୍ ମାନ୍‌କୁ ମନ୍ତ୍ରୀ ଶ୍ରୀ ମଲ୍ଲିକ ଆହ୍ୱାନ୍ ଦେଇଥିଲେ ।

ନାରୀ ଶକ୍ତି ବନ୍ଦନ୍ ଦୌଡ଼ ଆଇ ଆଣ୍ଡ୍ ପି.ଆର୍

ନାରୀ ଶକ୍ତି ବନ୍ଦନ୍ କାର୍ଯ୍ୟକ୍ରମ୍ ପାଲନ୍ କର୍‌ବାର୍ ଆଉ ଯୁବପିଢ଼ି ଆଉ ମହିଳାମାନ୍‌କର୍ ଭିତ୍‌ରେ ଫିଟ୍‌ନେସ୍‌କେ ପ୍ରୋତ୍ସାହିତ୍ କର୍‌ବାର୍ ଲାଗି କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍‌ଫୁ ଆଏଜ୍ ନାରୀ ଶକ୍ତି ବନ୍ଦନ୍ ଦୌଡ଼ ଆୟୋଜିତ୍ ହେବା । ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍‌କେ ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍‌ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ନୂଆପଡ଼ା ଜିଲ୍ଲାପାଲ୍ ସମୀକ୍ଷା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନଗର୍ ଉନ୍ନୟନ୍ ସଂସ୍ଥାର ସମୀକ୍ଷା ବୈଠକ୍ ଜିଲ୍ଲାପାଳ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍ଥି ଜିଲ୍ଲାର୍ ୩ ଟା ଏନ୍ଏସି - ନୂଆପଡ଼ା, ଖଡ଼ିଆଲ୍ ଆଉ ଖରିଆର୍ ରୋଡ଼୍ର କାର୍ଯ୍ୟର୍ ଅଗ୍ରଗତି ବାବ୍ଦେ ସମୀକ୍ଷା କରାଯାଇଥିଲା । ରାଜସ୍ୱ ସଂଗ୍ରହ, ସଲିଡ଼୍ ୱେଷ୍ଟ୍ ମେନେଜ୍ମେଂଟ୍, ମୁଖ୍ୟମନ୍ତ୍ରୀ ସହରୀ ବିକାଶ୍ ଯୋଜ୍ନାର୍ କାର୍ଯ୍ୟାନ୍ୱୟନ୍ ଉପ୍ରେ ଆଲୋଚନା କରାଯାଇଥିଲା । ହୋଲଡିଂ ଟେକ୍ସ ସଂଗ୍ରହ କ୍ଷେତ୍ର ନ ନୂଆପଡ଼ା ଏନ୍ଏସି ରାଜ୍ୟର୍ ପହେଲା ଆଉ ଖଡ଼ିଆଲ୍ ଏନ୍ଏସି ୨ ନମ୍ବର୍ ଠାନ୍ଥି ଥିବାର୍ ବେଲେ ନୂଆପଡ଼ା ଜିଲ୍ଲା ରାଜ୍ୟର୍ ପହେଲା ଠାନେ ରହିଛେ ।

ଭାରିଯାନ ଚଳାଚଲ୍ କଟ୍କନା       ଆର୍ଏନ୍ୟୁ/ ସମ୍ବଲପୁର

ଝାରସୁଗୁଡ଼ା ସହର୍ର ପ୍ରମୁଖ ରାସ୍ତା ମାନ୍କେ ଦୁର୍ଘଟଣା ରୁକ୍ବାର୍ ଆଉ ଲୁକ୍କର୍ ସୁରକ୍ଷାକେ ନଜର୍ଥି ରଖିକରି ଜିଲ୍ଲା ପ୍ରଶାସନ୍ ତରଫୁ ଭାରିଯାନ ଚଳାଚଲ୍ ଉପ୍ରେ କଟ୍କନା ଜାରି କରାଯାଇଛେ ।